# NATIONAL NEWS BULLETIN (ODIA)
## 26th February - 2025
## Evening Bulletin : 7.15 p.m.

***********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ପ୍ରଜ୍ଞା ପରିମିତା ଜେନା**

## ମୁଖ୍ୟ ସମ୍ବାଦ

- ମହିଳାମାନେ ଜୀବନରେ ସଫଳତା ଅର୍ଜନ କଲେ ସମାଜ ଓ ଦେଶ ପ୍ରଗତିପଥରେ ଆଗେଇବ; କହିଲେ ରାଷ୍ଟ୍ରପତି ।
- ପ୍ରୟାଗରାଜଠାରେ ଚାଲିଥିବା ମହାକୁମ୍ଭ ଆଜି ଉଦ୍‌ଯାପିତ; ୬୬ କୋଟିରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ପକାଇଲେ ବୁଡ଼ ।
- ବିହାର ମନ୍ତ୍ରିମଣ୍ଡଳର ସମ୍ପ୍ରସାରଣ; ସାମିଲ୍ ହେଲେ ୭ ନୂଆ ମନ୍ତ୍ରୀ ।
- ଜାତୀୟ କ୍ରୀଡ଼ା ସଂଘକୁ ଆର୍ଥିକ ସହାୟତା ଯୋଗାଇଦେବା ନିମନ୍ତେ ଗଠନ ହେଲା ଛଅଜଣିଆ କମିଟି ।

ଏବଂ

- ଆଇ.ସି.ସି. ଚାମ୍ପିୟନ୍‌ସ ଟ୍ରଫି କ୍ରିକେଟ୍ ପ୍ରତିଯୋଗିତାରେ ଇଂଲଣ୍ଡ ସମ୍ମୁଖରେ ୩୨୬ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟକଲା ଆଫଗାନିସ୍ତାନ ।

# ପ୍ରେସିଡେଣ୍ଟ - ଏମ୍.ପି.

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି, ମହିଳାମାନେ ଆତ୍ମନିର୍ଭରଶୀଳ ଏବଂ ଆତ୍ମବିଶ୍ୱାସୀ ହେବା ଦିଗରେ ସର୍ବଦା ପ୍ରୟାସ କରିବା ଉଚିତ । ସେ କହିଛନ୍ତି, ମହିଳାମାନେ ଜୀବନରେ ସଫଳତା ଅର୍ଜନ କଲେ ସମାଜ ଏବଂ ଦେଶ ପ୍ରଗତିଶୀଳ ହୋଇପାରିବ । ମଧ୍ୟପ୍ରଦେଶର ଛତରପୁର ଜିଲ୍ଲା ଅନ୍ତର୍ଗତ ବାଗେଶ୍ୱର ଧାମଠାରେ ଏକ ସାମହିକ ବିବାହ ଉତ୍ସବ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ରାଷ୍ଟ୍ରପତି ଏହା କହିଛନ୍ତି । ଶ୍ରୀମତୀ ମୁର୍ମୁ କହିଛନ୍ତି, ସରକାର ଏକ ବିକଶିତ ଭାରତ ଗଠନ ଲାଗି ସଙ୍କଳ୍ପବଦ୍ଧ । ତେଣୁ ସମାଜରେ ସବୁବର୍ଗଙ୍କର ବିକାଶ ହେବାର ଆବଶ୍ୟକତା ରହିଛି । ୨୫୧ ଜଣ କନ୍ୟାଙ୍କ ସାମୂହିକ ବିବାହ ଉତ୍ସବ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ନବଦମ୍ପତିମାନଙ୍କୁ ବସ୍ତ୍ର, ସିଲେଇ ମେସିନ୍, ଗୃହୋପକରଣ ସାମଗ୍ରୀ ଏବଂ ଅଟାପେଷା ମେସିନ୍ ପ୍ରଦାନ କରିଥିଲେ ।  କାର୍ଯ୍ୟକ୍ରମରେ ରାଜ୍ୟପାଳ ମଙ୍ଗୁଭାଇ ପଟେଲ୍ ଏବଂ ମୁଖ୍ୟମନ୍ତ୍ରୀ ଡକ୍ଟର ମୋହନ ଯାଦବ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ ।

## ମହାକୁମ୍ଭ

ପ୍ରୟାଗରାଜଠାରେ ଚାଲିଥିବା ବିଶ୍ୱର ସବୁଠାରୁ ବୃହତ ଆଧ୍ୟାତ୍ମିକ ଓ ସାଂସ୍କୃତିକ ମହାମିଳନ ମହାକୁମ୍ଭ ଆଜି ମହାଶିବରାତ୍ରି ଅବସରରେ ଉଦ୍‌ଯାପିତ ହୋଇଛି । ଏହି ଅବସରରେ ଭାରତୀୟ ବାୟୁସେନା ପକ୍ଷରୁ ଏୟାର ଶୋ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।

ଆଜି ସକାଳୁ ପ୍ରୟାଗରାଜର ବିଭିନ୍ନ ଘାଟ ସମେତ ସଙ୍ଗମ ଠାରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ବୁଡ଼ ପକାଇଛନ୍ତି । ଗତ ଜାନୁୟାରୀ ୧୩ ତାରିଖରୁ ଆରମ୍ଭ ହୋଇଥିବା ଏହି ମହାକୁମ୍ଭରେ ଏପର୍ଯ୍ୟନ୍ତ ୬୬ କୋଟିରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ସଂଗମରେ ବୁଡ଼ ପକାଇଛନ୍ତି ।

## ହରଦୀପ ସିଂହ ପୁରି - ମେଘାଳୟ ଭିଜିଟ୍

କେନ୍ଦ୍ର ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ହରଦୀପ ସିଂହ ପୁରି ଆଜି ମେଘାଳୟର ଆକାଂକ୍ଷୀ ଜିଲ୍ଲା ରି-ଭୋଇ ଗସ୍ତ କରି ବିଭିନ୍ନ ବିକାଶମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି । ସେ ସ୍ୱାସ୍ଥ୍ୟ, ପୁଷ୍ଟି, ଶିକ୍ଷା, କୃଷି ଓ ଜଳସମ୍ପଦ, ଅର୍ଥନୈତିକ ନିବେଶ ଓ ଦକ୍ଷତା ବିକାଶ ଏବଂ ଭିତ୍ତିଭୂମି ଉପରେ

ବିଶେଷ ଗୁରୁତ୍ୱ ପ୍ରଦାନ କରିଛନ୍ତି । ମନ୍ତ୍ରୀ ଶ୍ରୀ ପୁରି ରି-ଭୋଇ ଜିଲ୍ଲା ଅନ୍ତର୍ଗତ ଉମ୍‌ଦିହାର ଗ୍ରାମରେ ଏକ ସପୁରି ପ୍ରକ୍ରିୟାକରଣ ସଂସ୍ଥା ମଧ୍ୟ ପରିଦର୍ଶନ କରିଛନ୍ତି । ସମୀକ୍ଷା ବୈଠକରେ ଉପକମିଶନର ଅଭିଳାଶ ବରନ୍‌ୱାଲ୍, ଅତିରିକ୍ତ ଉପକମିଶନର ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

## ପି.ଏମ୍. - କଣ୍ଡୋଲେନ୍ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି’ ବିଶିଷ୍ଟ ଗୁଜରାଟୀ କବି ଅନିଲ୍ ଯୋଶୀଙ୍କ ବିୟୋଗରେ ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ଶ୍ରୀ ମୋଦି ତାଙ୍କ ବାର୍ତ୍ତାରେ କହିଛନ୍ତି, ଆଧୁନିକ ଗୁଜୁରାଟୀ ସାହିତ୍ୟ ଜଗତରେ ଅନିଲ୍ ଯୋଶୀଙ୍କ ଅବଦାନ ସର୍ବଦା ସ୍ମରଣୀୟ ହୋଇ ରହିବ ।

## ରିଜିଜୁ - ସ୍କଲାର୍‌ସିପ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାରରେ ଅନୁସୂଚିତ ଜାତି, ଜନଜାତି, ଅନ୍ୟାନ୍ୟ ପଛୁଆବର୍ଗ ଓ ସଂଖ୍ୟାଲଘୁ ଛାତ୍ରବୃତ୍ତି ହିତାଧିକାରୀମାନଙ୍କ ସଂଖ୍ୟା ହ୍ରାସ କରାଯାଇଛି ବୋଲି କଂଗ୍ରେସ ଅଧ୍ୟକ୍ଷ

ମଲ୍ଲିକାର୍ଜୁନ ଖଡ୍‌ଗେ ଦେଇଥିବା ମନ୍ତବ୍ୟ ଉପରେ ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ସମାଲୋଚନା କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ରିଜିଜୁ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାର ସମୟରେ ସଂଖ୍ୟାଲଘୁମାନଙ୍କୁ ପୂର୍ବାପେକ୍ଷା ଅଧିକ ସଶକ୍ତ କରାଯାଇଛି । ସଂଖ୍ୟାଲଘୁମାନଙ୍କ ଛାତ୍ରବୃତ୍ତି, ସୁବିଧାସୁଯୋଗ ଏବଂ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦିଆଯାଉଛି ବୋଲି ମନ୍ତ୍ରୀ ଶ୍ରୀ ରିଜିଜୁ କହିଛନ୍ତି ।

## ସି.ବି.ଆଇ. - କ୍ରିପ୍ଟୋକରେନ୍ସି

କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ - ସି.ବି.ଆଇ. ଗେନ୍ ବିଟ୍‌କଏନ୍ ଦୁର୍ନୀତିରେ ପ୍ରାୟ ୨୪ କୋଟି ଟଙ୍କାର କ୍ରିପ୍ଟୋକରେନ୍ସି ଜବତ କରିଛି । ଏହି ଘଟଣାରେ ଦିଲ୍ଲୀ, ପୁଣେ, ନାନ୍ଦେଡ୍, କୋହ୍ଲାପୁର, ମୁମ୍ବାଇ, ବେଙ୍ଗାଲୁର, ଚଣ୍ଡୀଗଡ଼, ମୋହାଲି, ଝାନ୍‌ସି ଏବଂ ହୁବ୍‌ଲି ସମେତ ୬୦ରୁ ଊର୍ଦ୍ଧ୍ୱ ସ୍ଥାନରେ ତଲାସୀ କରାଯାଇଛି । ଏହି ତଲାସୀ ସମୟରେ ଘଟଣାସ୍ଥଳରୁ କ୍ରିପ୍ଟୋ ୱାଲେଟ୍, ନଥିପତ୍ର ୩୪ଟି ଲାପ୍‌ଟପ୍, ହାର୍ଡ଼ଡିସ୍କ ଏବଂ ମୋବାଇଲ୍ ସମେତ ୨୩ କୋଟି ୯୪ ଲକ୍ଷ ଟଙ୍କାର କ୍ରିପ୍ଟୋକରେନ୍ସି ଜବତ କରାଯାଇଛି । ସି.ବି.ଆଇ. କହିଛି, ୨୦୧୫ ମସିହାରେ ମିଥ୍ୟା ପ୍ରଲୋଭନ ଦେଖାଇ ଲୋକମାନଙ୍କୁ ୧୮

ମାସ ମଧ୍ୟରେ ବିଟ୍‌କଏନ୍ ନିବେଶରେ ମାସିକ ୧୦ ପ୍ରତିଶତ ଲାଭ ଦିଆଯିବାକୁ ପ୍ରତିଶ୍ରୁତି ଦିଆଯାଇଥିଲା ।

## ବିହାର - କ୍ୟାବିନେଟ୍

ନୀତିଶ କୁମାରଙ୍କ ନେତୃତ୍ୱାଧୀନ ବିହାର କ୍ୟାବିନେଟ୍‌ରେ ଆଜି ୭ ଜଣ ନୂଆ ମନ୍ତ୍ରୀଙ୍କୁ ସାମିଲ୍ କରାଯାଇ ମନ୍ତ୍ରି ପରିଷଦର ସମ୍ପ୍ରସାରଣ କରାଯାଇଛି । ରାଜ୍ୟପାଳ ଆରିଫ୍ ମହମ୍ମଦ ଖାଁ ପାଟଣାସ୍ଥିତ ରାଜଭବନରେ ସେମାନଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି । ସେହି ମନ୍ତ୍ରୀମାନଙ୍କ ମଧ୍ୟରେ ସଞ୍ଜୟ ସରାଓଗି, କ୍ରିଷ୍ଣା କୁମାର ମଣ୍ଟୁ, ଡକ୍ଟର ସୁନିଲ୍ କୁମାର, ମୋତିଲାଲ୍ ପ୍ରସାଦ, ରାଜୁ କୁମାର ସିଂ, ବିଜୟ କୁମାର ମଣ୍ଡଳ ଓ ଜୀବେଶ କୁମାର ଅଛନ୍ତି । ଏହି ସମ୍ପ୍ରସାରଣ ଫଳରେ ନୀତିଶ କୁମାର ମନ୍ତ୍ରୀମଣ୍ଡଳରେ ମୁଖ୍ୟମନ୍ତ୍ରୀଙ୍କ ସମେତ ମନ୍ତ୍ରୀଙ୍କ ସଂଖ୍ୟା ୩୬କୁ ବୃଦ୍ଧି ପାଇଛି । ପୂର୍ବରୁ ରାଜ୍ୟ ବି.ଜେ.ପି. ସଭାପତି ଦିଲୀପ ଜୟଶ୍ୱାଲ୍ ଦଳର 'ଏକ ବ୍ୟକ୍ତି, ଏକ ପଦବି' ନୀତି ଆଧାରରେ ତାଙ୍କ ପଦରୁ ଇସ୍ତଫା ଦେଇଥିଲେ ।

## ଆନିମଲ୍ ୱେଲ୍‌ଫେୟାର ବୋର୍ଡ଼ - ଆୱାର୍ଡ଼

ଭାରତୀୟ ପ୍ରାଣୀମଙ୍ଗଳ ବୋର୍ଡ଼ ପକ୍ଷରୁ ଆସନ୍ତାକାଲି ନୂଆଦିଲ୍ଲୀରେ ପ୍ରାଣୀମିତ୍ର ଏବଂ ଜୀବେଦୟା ପୁରସ୍କାର ପ୍ରଦାନ ଉତ୍ସବ ଅନୁଷ୍ଠିତ ହେବ । ପ୍ରାଣୀକଲ୍ୟାଣ ଏବଂ ପ୍ରାଣୀ ସୁରକ୍ଷା ଦିଗରେ ଉଲ୍ଲେଖନୀୟ ଅବଦାନ ପାଇଁ କାର୍ଯ୍ୟ କରୁଥିବା ବ୍ୟକ୍ତିବିଶେଷ ଏବଂ ସଙ୍ଗଠନଗୁଡ଼ିକୁ ଏହି ପୁରସ୍କାର ପ୍ରଦାନ କରାଯିବ । ଦୁଇଟି ବର୍ଗରେ ପ୍ରାଣୀମିତ୍ର ଏବଂ ଜୀବେଦୟା ପୁରସ୍କାର ପ୍ରଦାନ କରାଯିବ । ପ୍ରାଣୀମିତ୍ର ପୁରସ୍କାର ମଧ୍ୟରେ ୫ଟି ଉପବିଭାଗ ରହିଛି । ସେହିପରି ଜୀବେଦୟା ପୁରସ୍କାର ପ୍ରଦାନ କରାଯିବାକୁ ଥିବା ୩ଟି ଉପବିଭାଗ ମଧ୍ୟରେ ବ୍ୟକ୍ତିବିଶେଷ, ପ୍ରାଣୀମଙ୍ଗଳ ସଙ୍ଗଠନ, ବିଦ୍ୟାଳୟ, ଶିକ୍ଷକ ଏବଂ ପିଲାମାନେ ରହିଛନ୍ତି । ପୁରସ୍କାର ପ୍ରଦାନ ଉତ୍ସବରେ ମତ୍ସ୍ୟ ଓ ପ୍ରାଣୀପାଳନ ରାଷ୍ଟ୍ରମନ୍ତ୍ରୀ ପ୍ରଫେସର ଏସ୍.ପି. ସିଂହ ବାଘେଲ, ଜର୍ଜ କୁରିଆନ୍ ପ୍ରମୁଖ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

## ଜେ.କେ. - ଏଲ୍.ଓ.ସି.

ଜମ୍ମୁ-କାଶ୍ମୀରର ରଜୌରୀ ଜିଲ୍ଲା ଅନ୍ତର୍ଗତ ନିୟନ୍ତ୍ରଣ ରେଖା ନିକଟସ୍ଥ ଗ୍ରାମରେ ସେନାବାହିନୀର ଏକ ଗାଡ଼ି ଉପରକୁ ସନ୍ଦିଗ୍ଧ ସନ୍ତ୍ରାସବାଦୀମାନେ

ଗୁଳିଚାଳନା କରିଥିବା ସୂଚନା ମଳିଛି । ଆମ ଜମ୍ମୁ ସମ୍ବାଦଦାତାଙ୍କ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ସୁନ୍ଦରବନି ସେକ୍ଟର ଅନ୍ତର୍ଗତ ଫାଲ୍ ଗ୍ରାମ ନିକଟରେ ହୋଇଥିବା ଏହି ଗୁଳିକାଣ୍ଡ ଘଟଣାରେ କେହି ମୃତାହତ ହୋଇ ନ ଥିବା ଜଣାଯାଇଛି । ଜଙ୍ଗଲରେ ଲୁଚି ରହିଥିବା ସନ୍ତ୍ରାସବାଦୀମାନେ ସେହି ଅଞ୍ଚଳ ଦେଇ ଗତି କରୁଥିବା ସମୟରେ ସେନାବାହିନୀର ଗାଡ଼ି ଉପରକୁ କିଛି ରାଉଣ୍ଡ୍ ଗୁଳିଚାଳନା କରିଥିଲେ । ସେହି ରାସ୍ତାରେ ସନ୍ତ୍ରାସବାଦୀମାନଙ୍କର ଅନୁପ୍ରବେଶ ପଥ ବୋଲି ଜଣାଯାଇଛି । ସେନାବାହିନୀ ପକ୍ଷରୁ ଗୁଳିଚାଳନାର ପାଲଟା ଜବାବ ଦିଆଯାଇଥିଲା । ସୁରକ୍ଷା ବାହିନୀ ପକ୍ଷରୁ ସେହି ଅଞ୍ଚଳକୁ ଘେରାଉ କରାଯିବା ସହ ତଲାସୀ କାର୍ଯ୍ୟ ଜାରି ରହିଛି । ଅନ୍ୟ ଏକ ଘଟଣାରେ ଗତକାଲି ବିଳମ୍ବିତ ରାତିରେ ଜମ୍ମୁ ଜିଲ୍ଲାର ଅଖ୍ନୁର ସେକ୍ଟର ଅନ୍ତର୍ଗତ କୀରି ବାଟଲ୍ ନିୟନ୍ତ୍ରଣ ରେଖା ନିକଟବର୍ତ୍ତୀ ଅଞ୍ଚଳରେ ସେନାବାହିନୀର ଯବାନମାନେ ସନ୍ଦିଗ୍ଧ ସନ୍ତ୍ରାସବାଦୀମାନେ ରହିଥିବା ଆଶଙ୍କା କରି ଗୁଳିଚାଳନା କରିଥିଲେ ।

## ସୁରତ୍ - ଫାୟାର୍

ଗୁଜରାଟର ସୁରତ୍‌ଠାରେ ଆଜି ସକାଳେ ଏକ ଚାରିମହଲାବିଶିଷ୍ଟ ବସ୍ତ୍ର ବଜାରରେ ବଡ଼ଧରଣର ଅଗ୍ନିକାଣ୍ଡ ଘଟିଛି । ଗତ ୨୪ ଘଣ୍ଟା ମଧ୍ୟରେ ସେହି

କୋଠାରେ ଏହା ଦ୍ୱିତୀୟ ଅଗ୍ନିକାଣ୍ଡ ବୋଲି ଆମ ସମ୍ବାଦଦାତା ସୂଚନା ଦେଇଛନ୍ତି । ଅଗ୍ନିଶମ ବାହିନୀ ଏବଂ ସ୍ଥାନୀୟ ପୁଲିସ୍ କର୍ମଚାରୀମାନେ ଘଟଣାସ୍ଥଳକୁ ଯାଇ ପରିସ୍ଥିତି ନିୟନ୍ତ୍ରଣ କରିଛନ୍ତି । ଘଟଣାରେ କେହି ମୃତାହତ ହୋଇ ନ ଥିଲେ ମଧ୍ୟ ୮ ଶହଟି ଲୁଗାଦୋକାନ ପୋଡ଼ି ନଷ୍ଟ ହୋଇଯାଇଛି । ଅଗ୍ନିକାଣ୍ଡର କାରଣ ସ୍ପଷ୍ଟ ଜଣାପଡ଼ି ନାହିଁ । ବିଦ୍ୟୁତ୍ ସଟ୍ ସର୍କିଟ୍ ଯୋଗୁଁ ନିଆଁ ଲାଗିଥାଇପାରେ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ।

## ମହାଶିବରାତ୍ରି

ପବିତ୍ର ମହାଶିବରାତ୍ରି ଅବସରରେ ଦେଶବ୍ୟାପୀ ଶୈବପୀଠଗୁଡ଼ିକରେ ଶ୍ରଦ୍ଧାଳୁଙ୍କର ଭିଡ଼ ଲାଗିରହିଛି । ଏହି ଅବସରରେ ଉତ୍ତରପ୍ରଦେଶର କାଶୀ ବିଶ୍ୱନାଥ, ଗୁଜରାଟର ସୋମନାଥ ମହାଦେବ ମନ୍ଦିର, ଓଡ଼ିଶାର ଲିଙ୍ଗରାଜ, ଲୋକନାଥ, ଆଖଣ୍ଡଳମଣି ସମେତ ବିଭିନ୍ନ ଶୈବାଳୟରେ ମହାଦୀପ ଉଠିବା ପର୍ଯ୍ୟନ୍ତ ଶ୍ରଦ୍ଧାଳୁମାନେ ଉଜାଗର ରହି ପ୍ରଦୀପ ପ୍ରଜ୍ୱଳନ କରୁଛନ୍ତି । ଏହି ଉପଲକ୍ଷେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇ ବିକଶିତ ଭାରତ ଗଠନ କରିବାରେ ସମସ୍ତଙ୍କର ସକାରାତ୍ମକ ଯୋଗାଦାନ କାମନା କରିଛନ୍ତି ।

## ଗଭ୍ - ସ୍ପୋର୍ଟସ କମିଟି

ସରକାର ଜାତୀୟ କ୍ରୀଡ଼ା ସଂଘକୁ ଆର୍ôିକ ସହାୟତା ଯୋଗାଇଦେବା ନିମନ୍ତେ ରହିଥିବା କେତେକ ନୀତିରେ ସଂଶୋଧନ ଆଣିବା ଲାଗି ଏକ ଛଅଜଣିଆ କମିଟି ଗଠନ କରିଛନ୍ତି । କେନ୍ଦ୍ର ଯୁବବ୍ୟାପାର ଏବଂ କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, କ୍ରୀଡ଼ା ବିଭାଗର ଯୁଗ୍ମ ସଚିବ କୁନାଲ୍‌ଙ୍କ ଅଧ୍ୟକ୍ଷତାରେ ଏହି କମିଟି ଗଠନ କରାଯିବ । ପ୍ୟାରିସ୍ ଅଲିମ୍ପିକ୍ସ ପରେ ପରବର୍ତ୍ତୀ ଅଲିମ୍ପିକ୍ସ ପାଇଁ ରହିଥିବା କେତେକ ନୀତିରେ ପରିବର୍ତ୍ତନର ଆବଶ୍ୟକତା ଥିବାରୁ ଏହି ପ୍ରକ୍ରିୟା ଆରମ୍ଭ କରାଯାଇଛି । କମିଟି ପକ୍ଷରୁ ଆସନ୍ତା ୧୫ ଦିନ ମଧ୍ୟରେ ଏ ସଂକ୍ରାନ୍ତ ରିପୋର୍ଟ ପ୍ରଦାନ କରାଯିବ । ୨୦୨୨ ମସିହାରେ କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ଜାତୀୟ କ୍ରୀଡ଼ାସଂଘକୁ ଆର୍ଥିକ ସହାୟତା ପ୍ରଦାନ ନେଇ ଶେଷଥରପାଇଁ ସଂଶୋଧନ କରାଯାଇଥିଲା । କେନ୍ଦ୍ର ସରକାରଙ୍କ ପକ୍ଷରୁ କ୍ରୀଡ଼ାବିତ୍‌ମାନଙ୍କୁ ପ୍ରଶିକ୍ଷଣ, ଅନ୍ତର୍ଜାତୀୟ ପ୍ରତିଯୋଗିତାଗୁଡ଼ିକର ଭାରତୀୟ କ୍ରୀଡ଼ାବିତ୍‌ମାନଙ୍କ ଅଂଶଗ୍ରହଣ, ଆନ୍ତର୍ଜାତିକ ପ୍ରତିଯୋଗିତାଗୁଡ଼ିକରେ ଭାଗନେବା ଲାଗି ଖେଳାଳିମାନଙ୍କୁ ସମସ୍ତ ପ୍ରକାର ବ୍ୟବସ୍ଥା ଯୋଗାଇଦେବା ନେଇ ଜାତୀୟ କ୍ରୀଡ଼ା ସଂଘ ପକ୍ଷରୁ ସହାୟତା ରାଶି ପ୍ରଦାନ କରାଯାଇଥାଏ ।

# ଆଇ.ସି.ସି. ଚାମ୍ପିୟନ୍ସ ଟ୍ରଫି

ଆଇ.ସି.ସି. ପୁରୁଷ ଚାମ୍ପିୟନ୍‌ସ ଟ୍ରଫି କ୍ରିକେଟ୍ ପ୍ରତିଯୋଗିତାରେ ଆଫଗାନିସ୍ତାନ ଇଂଲଣ୍ଡ ସମ୍ମୁଖରେ ୩୨୬ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଛି । ଲାହୋରର ଗଦ୍ଦାଫି ଷ୍ଟାଡିୟମ୍‌ରେ ଗ୍ରୁପ୍-ବି'ର ଆଜିର ମ୍ୟାଚ୍‌ରେ ଟସ୍ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ଆଫଗାନିସ୍ତାନ ନିର୍ଦ୍ଧାରିତ ୫୦ ଓଭର୍‌ରେ ୭ ୱିକେଟ୍ ବିନିମୟରେ ୩୨୫ ରନ୍ ସଂଗ୍ରହ କରିଛି । ଇବ୍ରାହିମ୍ ଜଦ୍ରାନ୍ ସର୍ବାଧିକ ୧୭୭ ରନ୍ ସଂଗ୍ରହ କରିଥିଲେ । ଇଂଲଣ୍ଡ ପକ୍ଷରୁ ଜୋଫ୍ରା ଆର୍ଚର୍ ସର୍ବାଧିକ ୩ଟି ୱିକେଟ୍ ଅକ୍ତିଆର କରିଥିଲେ ।

ସମ୍ବାଦ ପ୍ରସ୍ତୁତ ହେଲାବେଳକୁ ଇଂଲଣ୍ଡ ୩୨୬ ରନ୍ ବିଜୟ ଲକ୍ଷ୍ୟକୁ ପିଛା କରି ୫ ଓଭର୍‌ରେ ଗୋଟିଏ ୱିକେଟ୍ ହରାଇ ୨୪ ରନ୍ ସଂଗ୍ରହ କରିଛି ।

ଗ୍ରୁପ୍-ବି'ର ଉଭୟ ଦଳ ବର୍ତ୍ତମାନ ସୁଦ୍ଧା କୌଣସି ପଏଣ୍ଟ ହାସଲ ନ କରି ତାଲିକାର ସର୍ବଶେଷରେ ରହିଛନ୍ତି । ତେଣୁ ଆଜିର ମ୍ୟାଚ୍‌ରେ ପରାଜିତ ଦଳ ପ୍ରତିଯୋଗିତାରୁ ବାଦ୍ ପଡ଼ିବ ।  ଅଷ୍ଟ୍ରେଲିଆ ଏବଂ ଦକ୍ଷିଣ ଆଫ୍ରିକା ଉଭୟ ଦଳ ୩ ପଏଣ୍ଟ ଲେଖାଏଁ ପାଇଛନ୍ତି ।

*****